# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**16 April – 2026**

---

# ନାରୀଶକ୍ତି ବନ୍ଦନ ଦୌଡ

ସଂସଦର ସ୍ୱତନ୍ତ୍ର ଅଧିବେଶନ ଆଜିଠାରୁ ଶନିବାର ପର୍ଯ୍ୟନ୍ତ ଚାଲିବ । ଅଧିବେଶନ ସମୟରେ ଲୋକସଭାରେ ଆସନ ସଂଖ୍ୟା ବୃଦ୍ଧି ଏବଂ ମହିଳା ସଂରକ୍ଷଣ ଆଇନ-ନାରୀ ଶକ୍ତି ବନ୍ଦନ ଅଧିନିୟମ ଆଗତ କରାଯିବ । କେନ୍ଦ୍ର ସରକାର ୨୦୨୯ ମସିହା ସୁଦ୍ଧା ନାରୀଶକ୍ତି ବନ୍ଦନ ଅଧିନିୟମକୁ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ମହିଳା ସଂରକ୍ଷଣ ଆଇନ ଅନୁଯାୟୀ, ଲୋକସଭା ଓ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ରହିବ ।

ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ଓ ଶନିବାର ଦିନ ଦେଶର ସାତୋଟି ପ୍ରମୁଖ ସହର ଦିଲ୍ଲୀ, କଟକ, ପାଟନା, ମୁମ୍ବାଇ, ଇନ୍ଦୋର, ବେଙ୍ଗାଲୁରୁ ଏବଂ ଜୟପୁରରେ 'ନାରୀଶକ୍ତି ବନ୍ଦନ ଦୌଡ' ଆୟୋଜନ ହେବ । ଯାଇଛି ।

---

# ଜନଗଣନା

ଦେଶବ୍ୟାପୀ ଆଜିଠାରୁ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଉଛି। ଜନସଂଖ୍ୟା, ଗୃହ ଓ ସାମାଜିକ ତଥା ଅର୍ଥନୈତିକ ସୂଚକାଙ୍କ ଉପରେ ଜନଗଣନାରେ ବଡ଼ଧରଣର ତଥ୍ୟ ସଂଗ୍ରହ କରାଯିବ । ଆଜିଠାରୁ ଆରମ୍ଭ ହେଉଥିବା ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ମଇ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଜନଗଣନାକାରୀମାନେ ଘରକୁ ଘର ବୁଲି ପ୍ରାୟ ୩୩ଟି ବିଷୟରେ ତଥ୍ୟ ସଂଗ୍ରହ କରିବେ । ରାଜ୍ୟରେ ଜନଗଣନାପାଇଁ ୧ ଲକ୍ଷ ୨୦ ହଜାରରୁ ଅଧିକ ଶିକ୍ଷକ ଓ କର୍ମଚାରୀ ସାମିଲ୍ ହୋଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଚଳିତମାସ ପହିଲାରୁ  ଗତକାଲି ପର୍ଯ୍ୟନ୍ତ ଅନଲାଇନ ଜରିଆରେ ସ୍ୱ-ଗଣନା କରାଯାଇଥିଲା । ଜନଗଣନା ସୂଚନା ଅଧିକାର ଆଇନ - ଆର.ଟି.ଆଇ. ପରିସରଭୁକ୍ତ ହେବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । କଟକ ମହାନଗର ନିଗମ ପକ୍ଷରୁ କଟକ ଆକାଶବାଣୀ କେନ୍ଦ୍ରର କର୍ମଚାରୀମାନଙ୍କୁ ଜନଗଣନା ବାବଦରେ ସଚେତନ କରିବା ପାଇଁ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

# ବଦଳିନୀତି ଜାରି

ରାଜ୍ୟରେ ତୃଣମୂଳ ସ୍ତରରେ ପ୍ରଶାସନକୁ ଅଧିକ ପ୍ରଭାବଶାଳୀ ଓ ଦାୟିତ୍ୱ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ସରକାର ଓଡିଶା ପ୍ରଶାସନିକ ସେବା-ଓଏଏସ୍ ଗ୍ରୁପ-ଏ କନିଷ୍ଠ ବର୍ଗ ଏବଂ ଓଡିଶା ରାଜସ୍ୱ ସେବା ଅଧିକାରୀଙ୍କ ଲାଗି ନୂତନ ବଦଳିନୀତି ଜାରି କରିଛନ୍ତି । ସୂଚନା ଅନୁଯାୟୀ ପ୍ରତ୍ୟେକ ବର୍ଷ ଏପ୍ରିଲ ୧୫ରୁ ଜୁନ ୧୫ତାରିଖ ମଧ୍ୟରେ  ବଦଳି ପ୍ରକ୍ରିୟା ଶେଷ କରିବା ପାଇଁ ବିଜ୍ଞପ୍ତିରେ କୁହାଯାଇଛି । ଗୋଟିଏ ସ୍ଥାନରେ ସମ୍ପୃକ୍ତ ଅଧିକାରୀମାନେ ସର୍ବନିମ୍ନ ୨ବର୍ଷ ଓ ସର୍ବାଧିକ ତିନିବର୍ଷ ରହିପାରିବେ । ବଦଳିକ୍ଷେତ୍ରରେ ଅଧିକାରୀମାନେ ୭ଦିନ ମଧ୍ୟରେ ନୂତନ କାର୍ଯ୍ୟସ୍ଥଳୀରେ ଯୋଗଦେବାକୁ ପଡିବ ବୋଲି ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

---

# ଜମ୍ବୁଦୀପ ମହୋତ୍ସବ

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ରାମନଗର ଗ୍ରାମର ମା'ଦରିଆ ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଜମ୍ବୁଦ୍ୱୀପ ମହୋତ୍ସବ-୨୦୨୬ ଓ ଓରମାସ ପଲ୍ଲିଶ୍ରୀ ମେଳା ଆରମ୍ଭ ହୋଇଛି। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମହାକାଳପଡା ବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ ଗତକାଲି ଏହି ମେଳାକୁ ଉଦଘାଟନ କରି ସ୍ଥାନୀୟ ଲୋକ ସଂସ୍କୃତି,ପରମ୍ପରା ଉପରେ ଆଲୋଚନା କରିଥିଲେ । ମହୋତ୍ସବ ୫ ଦିନ ବ୍ୟାପୀ ଚାଲିବ ।

---

# ସଡକ ସଚେତନତା

ରାଜ୍ୟରେ ସଡକ ଦୁର୍ଘଟଣା ହ୍ରାସ ପାଇଁ ସଚେତନତା ସୃଷ୍ଟି କରିବା ଏବଂ ନିୟମ ଉଲ୍ଲଂଘନକାରୀଙ୍କୁ ନିୟନ୍ତ୍ରଣ ଲାଗି ଗତକାଲି ଠାରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ ଆସନ୍ତା ୨୦ତାରିଖ ସୋମବାର ପର୍ଯ୍ୟନ୍ତ ଚାଲିବ । ଏହି ଅଭିଯାନରେ ସ୍ୱତନ୍ତ୍ରଭାବେ ଭାରିଯାନ ଉପରେ ନଜର ରଖାଯିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ଚଳିତବର୍ଷ ମାର୍ଚ୍ଚ ମାସରୁ ଏପ୍ରିଲ ମାସ ୧୦ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ସଡକ ସୁରକ୍ଷା ଅଭିଯାନ ହୋଇଥିଲା ।

# ଭିତରକନିକା

ଭିତର କନିକା ଜାତୀୟ ଉଦ୍ୟାନ ଆସନ୍ତା ମେ ମାସ ୧ତାରିଖଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ । ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ଆରମ୍ଭ ହେଉଥିବାରୁ ପ୍ରତିଷେଧମୂଳକ ବ୍ୟବସ୍ଥା ସ୍ୱରୂପ ପର୍ଯ୍ୟଟକମାନଙ୍କ ପାଇଁ ଭିତର କନିକା ବନ୍ଦ ରହିବ ବୋଲି ରାଜନଗର ବନଖଣ୍ଡ ପକ୍ଷରୁ କୁହାଯାଇଛି ।

---

## ସୁଭଦ୍ରା ଆବେଦନ

ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆସନ୍ତା ମଇ ୧ ତାରିଖରୁ ୩୦ ତାରିଖ ମଧ୍ୟରେ ନୂଆ ହିତାଧିକାରୀ ଆବେଦନ କରିପାରିବେ। ଏ ସମ୍ପର୍କରେ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ୨୧ ବର୍ଷ ବୟସର ଯୁବତୀମାନେ

ଆବେଦନ କରିପାରିବେ। ଅନ୍‌ଲାଇନ ମାଧ୍ୟମରେ ଆବେଦନ ସମୟରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହେଲେ ଧାର୍ଯ୍ୟ ଅବଧିକୁ ଆଉ ୫ ଦିନ ବୃଦ୍ଧି କରାଯିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି।

# ଖୋ ଖୋ ପ୍ରତିଯୋଗିତା

ଖୋର୍ଦ୍ଧା ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଖୋର୍ଦ୍ଧା ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ୧୬ଟି ଦଳରେ ୨୪୦ଜଣ ପ୍ରତିଯୋଗୀ ଖୋ ଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ୨୦ଜଣ କ୍ରୀଡା ଶିକ୍ଷକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।

ନୂଆପଡା ଜିଲ୍ଲାରେ ସିଏମ୍ ଟ୍ରଫି-୨୦୨୬ ଅନ୍ତର୍ଗତ ୧୪ବର୍ଷରୁ କମ୍ ବୟସର ବାଳକ ଓ ବାଳିକା ବିଭାଗର ଜିଲ୍ଲାସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ ବାଳକ ବିଭାଗର ଚାରୋଟି ଦଳ ଓ ବାଳିକା ବିଭାଗରେ ଦୁଇଟି ଦଳ ଅଂଶଗ୍ରହଣ କରି ଚୂଡାନ୍ତ ପ୍ରତିଯୋଗିତାରେ ଭାଗ ନେଇଥିଲେ ।

# ପାଣିପାଗ

ରାଜ୍ୟର ୧୧ଟି ଜିଲ୍ଲାକୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଗରମ ଓ ଗୁଳୁଗୁଳି ଅନୁଭୂତ ହେବା ନେଇ ସତର୍କତା ଜାରି କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ସହ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସମ୍ଭାବନା ରହିଛି ।